ମଦନ ମୋହନ ରାଜଗଡ଼ିଆ

ବନାମ

ମେସର୍ସ ମହେନ୍ଦ୍ର ଆର୍. ଶାହ ଆଣ୍ଡ ବ୍ରଦର୍ସ ଏବଂ ଅନ୍ୟଜଣେ

ଜୁଲାଇ 31, 2003

[ଭି. ଏନ୍. ଖାରେ, ମୁଖ୍ୟ ନ୍ୟାୟମୂର୍ତ୍ତି, କେ. ଜି. ବାଲକ୍ରିଷ୍ଣନ ଏବଂ ଏସ୍. ବି. ସିହ୍ନା, ନ୍ୟାୟମୂର୍ତ୍ତିଦ୍ୱୟ]

*ମଧ୍ୟସ୍ଥତା ଅଧିନିୟମ, 1940:*

*ଧାରା 34- ମକଦ୍ଦମା ସ୍ଥଗିତ- ଷ୍ଟକ ଏକ୍ସଚେଞ୍ଜ- ଜଣେ ସଦସ୍ୟଙ୍କ ବିରୁଦ୍ଧରେ ଜଣେ ଅଣ-ସଦସ୍ୟଙ୍କର ପୁନରୁଦ୍ଧାର ମକଦ୍ଦମା ଦାୟର- ମଧ୍ୟସ୍ଥତା ଖଣ୍ଡ ଅଧୀନରେ ବିବାଦଟି ଅନ୍ତର୍ଭୁକ୍ତ ବୋଲି ଦର୍ଶାଇ ବିଚାରଣ ନ୍ୟାୟାଳୟରେ ମକଦ୍ଦମାର ସ୍ଥଗିତାଦେଶ ପାଇଁ ସଦସ୍ୟ ଏକ ଆବେଦନ ଦାଖଲ କରିଛନ୍ତି- ବାଦୀଙ୍କ ଯୁକ୍ତି ଯେ ସେ ଜଣେ ଅଣ-ସଦସ୍ୟ ହୋଇଥିବାରୁ ମଧ୍ୟସ୍ଥତା ଖଣ୍ଡ ଉକ୍ତ ମାମଲା ପାଇଁ ପ୍ରଯୁଜ୍ୟ ନୁହେଁ- କୁହାଗଲା, ବିଲ୍‌ରେ ପ୍ରାସଙ୍ଗିକ ଖଣ୍ଡର ଏକ ପଠନ, ସାମଗ୍ରିକ ଭାବରେ, ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଖଣ୍ଡଟି ଆବେଦନକାରୀଙ୍କ ମାମଲାକୁ ଆବୃତ କରିବାକୁ ଯଥେଷ୍ଟ ପ୍ରଶସ୍ତ ଏବଂ ବ୍ୟାପକ- ଚୁକ୍ତି- ଏକ ବିଲ୍‌ରେ ଖଣ୍ଡ- ପ୍ରଭାବ*

*ଶବ୍ଦାବଳୀ ଏବଂ ବାକ୍ୟାଂଶ- 'ଅନ୍ୟ କୌଣସି ବ୍ୟକ୍ତି'- ର ଅର୍ଥ* ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 12645/1996

ଏଫ୍.ଏ.ଓ. (ଓଏସ) ସଂଖ୍ୟା 184/1995 ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ତା 04.08.1995 ରିଖର ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ପକ୍ଷରୁ ଅରୁଣ କେ. ସିହ୍ନା, ରାକେଶ କେ. ସିହ୍ନା

ପ୍ରତିବାଦୀମାନଙ୍କ ପକ୍ଷରୁ ଏମ୍. ଡି. ଅଦକର, ଏସ୍. ଡି. ସିଂହ, ବିଜୟ କୁମାର ଏବଂ ଅନୁରାଗ କିଶୋର

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆବେଦନକାରୀ ଏଠାରେ ଅଂଶଗୁଡ଼ିକର କ୍ରୟ ଏବଂ ବିକ୍ରୟ ବ୍ୟବସାୟରେ ନିୟୋଜିତ ଥିଲେ ଏବଂ ସେହି ଉଦ୍ଦେଶ୍ୟରେ ସେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଦଲାଲ ଭାବେ କାର୍ଯ୍ୟ କରୁଥିବା ପ୍ରତିବାଦୀଙ୍କ ସେବାଦାନର ଉପଯୋଗ କରୁଥିଲେ । ଏଠାରେ ଆବେଦନକାରୀ 5, 63, 334 ଟଙ୍କାର ଅସୁଲି ପାଇଁ ମେସର୍ସ ମହେନ୍ଦ୍ର ଆର. ଶାହ ଆଣ୍ଡ ବ୍ରଦର୍ସଙ୍କ ବିରୁଦ୍ଧରେ, ଯିଏ କି ଏଠାରେ ପ୍ରତିବାଦୀ ଅଟନ୍ତି, ଏକ ମକଦ୍ଦମା ଦାୟର କରିଥିଲେ । ଏଠାରେ ପ୍ରତିବାଦୀମାନେ ମକଦ୍ଦମାରେ ସମନ ପାଇବା ପରେ, ଭାରତୀୟ ମଧ୍ୟସ୍ଥତା ଅଧିନିୟମର ଧାରା 34 ଅଧୀନରେ ଏକ ଆବେଦନ ଦାଖଲ କରିଥିଲେ ଯେ ମକଦ୍ଦମାରେ ବିବାଦ ସମ୍ବନ୍ଧରେ ମଧ୍ୟସ୍ଥତା ପାଇଁ ଏକ ବ୍ୟବସ୍ଥା ଅଛି । ଉଚ୍ଚ ନ୍ୟାୟାଳୟର ମାନ୍ୟବର ଏକକ ନ୍ୟାୟମୂର୍ତ୍ତି ଏଠାରେ ପ୍ରତିବାଦୀମାନଙ୍କ ଯୁକ୍ତି ଗ୍ରହଣ କରିଥିଲେ ଏବଂ ମକଦ୍ଦମାର

କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିରେ ବ୍ୟଥିତ ହୋଇ, ଆବେଦନକାରୀ ଉକ୍ତ ଆଦେଶରୁ ପ୍ରଥମ ଆବେଦନ ଦାଖଲ କରିଥିଲେ, ଯାହା ଖାରଜ ହୋଇଯାଇଥିଲା । ଉଚ୍ଚ ନ୍ୟାୟାଳୟର ଉକ୍ତ ଆଦେଶ ବିରୁଦ୍ଧରେ; ଆବେଦନକାରୀ ସ୍ୱତନ୍ତ୍ର ଅନୁମତି ଆବେଦନ ମାଧ୍ୟମରେ ଏହି ଆବେଦନ ଦାଖଲ କରିଛନ୍ତି ।

ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଜୋର ଦେଇ କହିଥିଲେ ଯେ ବିଲ୍ ଉପରେ ମୁଦ୍ରିତ ମଧ୍ୟସ୍ଥତା ଖଣ୍ଡରେ ବାଦୀଙ୍କ ପରି ବ୍ୟକ୍ତି ଅନ୍ତର୍ଭୁକ୍ତ ନୁହଁନ୍ତି ଏବଂ ତେଣୁ, ଆବେଦନକାରୀ ଜଣେ ଅଣ-ସଦସ୍ୟ ହୋଇଥିବାରୁ ମଧ୍ୟସ୍ଥତା ପାଇଁ ଆବେଦନ କରିବାକୁ ବାଧ୍ୟ ନୁହଁନ୍ତି । ଏହି ଯୁକ୍ତିରେ ଆମ୍ଭେ କୌଣସି ଗୁଣବତ୍ତା ପାଉନାହୁଁ । ବିଲ୍‌ର ଗୋଟିଏ ଖଣ୍ଡ, ଯାହା ମୁଖପୃଷ୍ଠରେ ମୁଦ୍ରିତ ହୋଇଛି, ନିମ୍ନରେ ଦିଆଯାଇଛି:

> "ଜଣେ ସଦସ୍ୟ ଏବଂ ଜଣେ ଅଣ-ସଦସ୍ୟ କିମ୍ବା ଜଣେ ଅଣ-ସଦସ୍ୟଙ୍କ ମଧ୍ୟରେ ସମସ୍ତ ଦାବି (ସ୍ୱୀକାର ହେଇଥାଉ ବା ନ ହେଇଥାଉ) ପାର୍ଥକ୍ୟ ଏବଂ ବିବାଦ ("ଅଣ-ସଦସ୍ୟ" ଶବ୍ଦାବଳୀ ମଧ୍ୟରେ ଜଣେ ଦଲାଲ, ପ୍ରାଧିକୃତ କିରାଣୀ କିମ୍ବା କର୍ମଚାରୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଅନ୍ତର୍ଭୁକ୍ତ ହେବେ ଯାହାଙ୍କ ସହ ସଦସ୍ୟମାନେ ଦଲାଲି ଅଂଶୀଦାର କରନ୍ତି) ନିୟମାବଳୀ ଏବଂ ଉପ-ନିୟମାବଳୀ ଏବଂ ବିନିୟମାବଳୀ କିମ୍ବା ଏକ୍ସଚେଞ୍ଜ କିମ୍ବା ତା 'ସହିତ ଆନୁସଙ୍ଗିକ କିମ୍ବା ତା' ଅନୁସରଣରେ କିମ୍ବା ସେମାନଙ୍କ ନିର୍ମାଣ, ପରିପୂରଣ କିମ୍ବା ବୈଧତା ସମ୍ବନ୍ଧିତ କିମ୍ବା ଦଲାଲ ପ୍ରାଧିକୃତ କିରାଣୀ, କର୍ମଚାରୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ଅଧିକାର, ଆଇନଗତ ବାଧ୍ୟତା ଏବଂ ଉତ୍ତରଦାୟିତ୍ୱ ସହିତ ଜଡିତ କାରବାର କିମ୍ବା ଚୁକ୍ତିନାମା ସମ୍ବନ୍ଧରେ ଉତ୍ପନ୍ନ ହୁଏ, ଯେଉଁ ସଦସ୍ୟ ଏପରି କାରବାର, ଦେଣନେଣ ଏବଂ ଚୁକ୍ତି ସମ୍ବନ୍ଧରେ ଦଲାଲି ଅଂଶୀଦାର କରନ୍ତି, ତାଙ୍କୁ ଏକ୍ସଚେଞ୍ଜର ନିୟମାବଳୀ, ଉପ-ନିୟମାବଳୀ ଏବଂ ବିନିୟମାବଳୀରେ ପ୍ରଦାନ କରାଯାଇଥିବା ବ୍ୟବସ୍ଥାନୁଯାୟୀ ମଧ୍ୟସ୍ଥତା ଦ୍ୱାରା ଉଲ୍ଲେଖ ଏବଂ ନିଷ୍ପତ୍ତି କରିବାକୁ ହେବ ।

> ଏହି ବିଲ୍‌ର ଅନ୍ୟ ଏକ ଖଣ୍ଡ, ଯାହା ପଛ ପାର୍ଶ୍ୱରେ ମୁଦ୍ରିତ ହୋଇଛି, ଏହା ନିମ୍ନମତେ ପଠନୀୟ;

> "ଏହି କାରବାରଗୁଡ଼ିକରୁ ଆପଣଙ୍କ ଏବଂ ଆମ୍ଭ ମଧ୍ୟରେ କୌଣସି ଦାବି (ସ୍ୱୀକାର ହେଉ କିମ୍ବା ନ ହେଉ) ପାର୍ଥକ୍ୟ କିମ୍ବା ବିବାଦ ଉପୁଜିବା କ୍ଷେତ୍ରରେ, ଷ୍ଟକ୍ ଏକ୍ସଚେଞ୍ଜ, ବମ୍ବେର ନିୟମାବଳୀ, ଉପ-ନିୟମାବଳୀ ଏବଂ ବିନିୟମାବଳୀରେ ପ୍ରଦାନ କରାଯାଇଥିବା ପରି ମାମଲାଟି ବମ୍ବେରେ ମଧ୍ୟସ୍ଥତା ପାଇଁ ପଠାଯିବ ।"

ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ଶ୍ରୀମାନ ଓକିଲ ଦୃଢ଼ୋକ୍ତି କରିଥିଲେ ଯେ ଜଣେ ଅଣ-ସଦସ୍ୟ କେବଳ ସେତେବେଳେ ଅନ୍ତର୍ଭୁକ୍ତ ହେବେ ଯଦି ସେ ଜଣେ ଅଣ-ସଦସ୍ୟଙ୍କ ସଂଜ୍ଞା ଅଧୀନରେ ଆସନ୍ତି । ଯେହେତୁ ଆବେଦନକାରୀ ଜଣେ ଦଲାଲ କିମ୍ବା ପ୍ରାଧିକୃତ କିରାଣୀ କିମ୍ବା କର୍ମଚାରୀ ନୁହଁନ୍ତି କିମ୍ବା ସଦସ୍ୟଙ୍କ ସହ କୌଣସି ଦଲାଲି ଅଂଶୀଦାର କରନ୍ତି ନାହିଁ, ତେଣୁ ସେ ଉକ୍ତ ସଂଜ୍ଞାରେ ଅନ୍ତର୍ଭୁକ୍ତ ହୋଇପାରିବେ ନାହିଁ ଏବଂ ତେଣୁ ଉକ୍ତ ନିୟମ, ସଂଜ୍ଞା ଏବଂ ଉପ-ନିୟମ ତାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । ବାସ୍ତବରେ, ତର୍କ ଏହିକି ଯେ 'ଅନ୍ୟ କୌଣସି ବ୍ୟକ୍ତି' ଶବ୍ଦ ପୂର୍ବବର୍ତ୍ତୀ ଶବ୍ଦରୁ ରଙ୍ଗ ନେବା ଉଚିତ, ଯଥା, ଦଲାଲ, ପ୍ରାଧିକୃତ କିରାଣୀ କିମ୍ବା କର୍ମଚାରୀ ଏବଂ ଯେହେତୁ ଆବେଦନକାରୀ ଉଲ୍ଲିଖିତ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ନୁହଁନ୍ତି, ତେଣୁ ସେ 'ଅନ୍ୟ କୌଣସି ବ୍ୟକ୍ତି' ଅଭିବ୍ୟକ୍ତି

ମଧ୍ୟରେ ଆସୁ ନାହାଁନ୍ତି । ଉପରୋକ୍ତ ଖଣ୍ଡର, ସାମଗ୍ରିକ ଭାବରେ, ପଠନ ସ୍ପଷ୍ଟ ଭାବରେ ଦର୍ଶାଇବ ଯେ ଏହି ଖଣ୍ଡଟି ବାଦୀଙ୍କ ମାମଲାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଯଥେଷ୍ଟ ପ୍ରଶସ୍ତ ଏବଂ ବ୍ୟାପକ । ଏହାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ, ଅନଧିକୃତ କିରାଣୀ ଏବଂ କର୍ମଚାରୀ ତଥା ଦଲାଲ ଭଳି ଅନ୍ୟ ବ୍ୟକ୍ତିମାନଙ୍କୁ, ଯେଉଁମାନେ ଏକ୍ସଚେଞ୍ଜର ସଦସ୍ୟମାନଙ୍କ ଠାରୁ ଦଲାଲି ଗ୍ରହଣ କରୁଛନ୍ତି, ସେମାନଙ୍କୁ 'ଅଣ-ସଦସ୍ୟ' ବ୍ୟକ୍ତିଙ୍କ ସଂଜ୍ଞାରେ ଅନ୍ତର୍ଭୁକ୍ତ କରାଯାଇଛି । ବାସ୍ତବରେ ଏହି ବର୍ଗଗୁଡ଼ିକୁ ସାମିଲ କରି 'ଅଣ-ସଦସ୍ୟ' ର ସଂଜ୍ଞାକୁ ବ୍ୟାପକ କରାଯାଇଛି । ଏ'ପରି ବ୍ୟକ୍ତିବିଶେଷଙ୍କୁ ସାମିଲ କରିବାର ଅର୍ଥ ଏହା ନୁହେଁ ଯେ ଏକ୍ସଚେଞ୍ଜର ସଦସ୍ୟ ନଥିବା ଆବେଦନକାରୀଙ୍କ ଭଳି କୌଣସି ବ୍ୟକ୍ତିଙ୍କୁ ଅଣ-ସଦସ୍ୟ ସଂଜ୍ଞାରୁ ବାଦ୍ ଦିଆଯାଇନାହିଁ । ଏହି ଦୃଷ୍ଟିକୋଣକୁ ଅନ୍ୟ ଏକ ଦିଗରୁ ବିଚାର କରାଯାଇପାରେ । ସେହି ବିଲ୍‌ର ଅନ୍ୟ ଖଣ୍ଡଟି ଏହି ପ୍ରସଙ୍ଗକୁ ସନ୍ଦେହର ବାହାରେ ରଖିଛି । ଉକ୍ତ ଖଣ୍ଡଟି ଦର୍ଶାଏ ଯେ ଏହି କାରବାରଗୁଡ଼ିକ ମଧ୍ୟରୁ ଆପଣଙ୍କ ଏବଂ ଆମ୍ଭ ମଧ୍ୟରେ ଉପୁଜିଥିବା କୌଣସି ଦାବି (ସ୍ୱୀକାର ହେଉ କିମ୍ବା ନ ହେଉ) ପାର୍ଥକ୍ୟ କିମ୍ବା ବିବାଦ, ଷ୍ଟକ୍ ଏକ୍ସଚେଞ୍ଜର ନିୟମାବଳୀ, ଉପ-ନିୟମାବଳୀ ଏବଂ ବିନିୟମାବଳୀରେ ପ୍ରଦାନ କରାଯାଇଥିବା ବ୍ୟବସ୍ଥାନୁଯାୟୀ ମାମଲାଟିକୁ ବମ୍ବେରେ ମଧ୍ୟସ୍ଥତାକୁ ପଠାଯିବ । ଏହା ଦର୍ଶାଉ ନାହିଁ ଯେ ବିଲ୍‌ର ସମ୍ମୁଖ ଭାଗରେ ମୁଦ୍ରିତ ମଧ୍ୟସ୍ଥତା ଖଣ୍ଡ ସଂକ୍ରାନ୍ତରେ ଏହା କ'ଣ ଅନୁଧ୍ୟାନ କରେ ଏବଂ ଯେ ଏହା ମଧ୍ୟସ୍ଥତା ବ୍ୟବସ୍ଥା ପ୍ରଦାନ କରୁଛି ଏବଂ ଆବେଦନକାରୀ ଭଳି ବ୍ୟକ୍ତିଗଣ ଏଥିରେ ଅନ୍ତର୍ଭୁକ୍ତ ଅଛନ୍ତି ।

ଉପରୋକ୍ତ କାରଣଗୁଡିକ ପାଇଁ, ଆମ୍ଭେ ଆବେଦନରେ କୌଣସି ଗୁଣବତ୍ତା ପାଉନାହୁଁ । ସେହି ଅନୁଯାୟୀ, ଏହା ବିଫଳ ହେଉଛି ଏବଂ ବରଖାସ୍ତ କରାଯାଉଛି । ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ଦିଆଯିବ ନାହିଁ ।

ଆର୍.ପି. ଆବେଦନଟି ଖାରଜ ହୋଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**